SAMBAD ସମ୍ବାଦ
Largest circulated odia daily

Space for banner

Home | Con

 କଂଗ୍ରେସ ହାତରୁ ୨ଟି ରାଜ୍ୟ ଗଲା, ପଂଜାବରେ ଅକାଳୀ, ଉତ୍ତରାଖଣ୍ଡରେ ବିଜେପି, ମଣିପୁରରେ କଂଗ୍ରେସ ସରକାର; ମୁଦ୍ରାସ୍ଫୀତି, କୃଷି ଚିନ୍ତାର ବିଷୟ; କ୍ୟାବିନେ

ତାରିଖ : ୨୭/୨/୨୦୦୭

| Su | Mo | Tu | We | Th | Fr | Sa |
| --- | --- | --- | --- | --- | --- | --- |
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | | | |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

ଆଇଆଇଟି ନେଇ ଓଡ଼ିଶାକୁ ପୁଣି ଧକ୍କା: ଖଡ଼ଗପୁର ଆଇଆଇଟିର ସାଟେଲାଇଟ୍ କ୍ୟାସ୍ ପ୍ର---

## ଆଇଆଇଟି ନେଇ ଓଡ଼ିଶାକୁ ପୁଣି ଧକ୍କା: ଖଡ଼ଗପୁର ଆଇଆଇଟିର ସାଟେଲାଇଟ୍ କ୍ୟାସ୍ ପ୍ରସ୍ତାବ ନାମଞ୍ଜୁର

ନୂଆଦିଲ୍ଲୀ (ଇମିସ): ଆଇଆଇଟି ପ୍ରତିଷ୍ଠା ପ୍ରସଙ୍ଗ ନେଇ ଓଡ଼ିଶାକୁ ପୁଣି ଥରେ ଧକ୍କା ଲାଗିଛି । ଭୁବନେଶ୍ୱର ଠାରେ ଆଇଆଇଟି ଖଡ଼ଗପୁରର ଏକ ସାଟେଲାଇଟ୍ କ୍ୟାସ ଖୋଲିବା ପ୍ରସ୍ତାବକୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନାମଞ୍ଜୁର କରିଦେଇଛି । ଆଇଆଇଟି, ଭୁବନେଶ୍ୱର ସମେତ ଦିଲ୍ଲୀ ଏବଂ ମୁମ୍ବାଇ ଆଇଆଇଟିର ସାଟେଲାଇଟ୍ କ୍ୟାସ ପ୍ରସ୍ତାବକୁ ମଧ୍ୟ ଖାରଜ କରି ଦିଆଯାଇଛି । ଅନ୍ୟ ଏକ ଘଟଣାକ୍ରମରେ ଓଡ଼ିଶା ବଦଳରେ ଆନ୍ଧ୍ରକୁ ମିଳିଥିବା ଆଇଆଇଟିକୁ ନେଇ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ନିକଟରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂ ଆନ୍ଧ୍ର ଆଇଆଇଟି ପାଇଁ ସଂପୃକ୍ତ ରାଜ୍ୟ ସରକାରଙ୍କୁ ଜମି ଯୋଗାଇ ଦେବା ପାଇଁ ଚିଠି ମଧ୍ୟ ଲେଖି ସାରିଛନ୍ତି । ଫଳରେ ଆଇଆଇଟି କ୍ଷେତ୍ରରେ କେନ୍ଦ୍ରର ଓଡ଼ିଶା ପ୍ରତି ପାତର ଅନ୍ତର ସ୍ପଷ୍ଟ ହୋଇଯାଇଛି । ଆଇଆଇଟି ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଏବଂ ଆଇଆଇଟି ମୂଳ କ୍ୟାସର ଶିକ୍ଷାଦାନକୁ ବିଭିନ୍ନ ସଂପ୍ରସାରଣ କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚାଯିବା ଲକ୍ଷ୍ୟରେ ଦେଶର ତିନୋଟି ଆଇଆଇଟି କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ ।

ଦିଲ୍ଲୀ ଆଇଆଇଟି ଗୁଡ଼ଗାଓଁ ଠାରେ, ମୁମ୍ବାଇ ଆଇଆଇଟିର ଗୁଜରାଟ ଠାରେ ଏବଂ ଖଡ଼ଗପୁର ଆଇଆଇଟି ଭୁବନେଶ୍ୱର ଠାରେ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ମାତ୍ର ସୋମବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏହାକୁ ମନା କରି ଦେଇଛି । ଏହି ପ୍ରସ୍ତାବକୁ ବିରୋଧ କରିବାର କାରଣ ଦର୍ଶାଇବାକୁ ଯାଇ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ 'ସମ୍ବାଦ'କୁ କହିଛନ୍ତି, ଏଭଳି କରାଗଲେ ମୂଳ ଆଇଆଇଟି ସଂସ୍ଥାଗୁଡ଼ିକର ଗାମ୍ଭୀର୍ଯ୍ୟ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି । ଆଇଆଇଟି ଖଡ଼ଗପୁରର ଏକ ଛୋଟ କ୍ୟାସ ଭୁବନେଶ୍ୱର ଠାରେ ରହିଛି । ଯେଉଁଥିରେ କି ଚାରୋଟି ବିଷୟରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପଢ଼ାଯାଉଛି । ଏହାକୁ ଆଉ ଟିକିଏ ଉନ୍ନତ କରିବା ପାଇଁ ଖଡ଼ଗପୁର ଆଇଆଇଟି ପକ୍ଷରୁ କେନ୍ଦ୍ର ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦିଆ ଯାଇଥିଲା । ସେହିଭଳି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶା ପାଇଁ ଏକ ନୂତନ ଆଇଆଇଟି କିମ୍ବା ଆଇଆଇଟି ଭଳି ସମସ୍ତ ସୁବିଧା ସୁଯୋଗ ଥିବା ଏକ ସଂସ୍ଥା ଖୋଲାଯିବାକୁ କେନ୍ଦ୍ର ନିକଟରେ ଦାବି କରିଥିଲେ ।

ମାତ୍ର ଓଡ଼ିଶା ଭାଗ୍ୟରେ ନା ନୂତନ ଆଇଆଇଟି ଜୁଟୁଛି ନା ଭୁବନେଶ୍ୱର ଆଇଆଇଟି ବ୍ରାଞ୍ଚକୁ ଉନ୍ନତ କରାଯାଉଛି । ଏହି ପ୍ରସ୍ତାବକୁ ନାମଞ୍ଜୁର କରାଯିବା ପଛରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଅଜବ ଯୁକ୍ତି ମଧ୍ୟ କରାଯାଇଛି । ଓଡ଼ିଶାରେ କେନ୍ଦ୍ରୀୟ ଆର୍ଥିକ ଅନୁଦାନପ୍ରାପ୍ତ ୧୨ଟି ଶିକ୍ଷଣ ସଂସ୍ଥାନ ରହିଛି । ତା'ଛଡ଼ା ନିକଟରେ ପ୍ରଧାନମନ୍ତ୍ରୀ ମଧ୍ୟ ଭୁବନେଶ୍ୱର ଠାରେ ନାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଏଜୁକେସନ ଆଣ୍ଡ

ଚନ୍ଦ୍ରଭାଗା

Click here for WEB ADVERTISEMENT TARIFF CLICK

Non-Resident Oriyas
Please Register yourself in our Newsletter.

SAMBAD ସମ୍ବାଦ SPACE FOR BANNER

SAMBAD ସମ୍ବାଦ SPACE FOR BANNER









ବିତର୍କ/ମତାମତ ସଂଗ୍ରହ

**୧୯୯୩ ତଦନ୍ତ ରିପୋର୍ଟ ନ ମିଳିବା ସରକାରଙ୍କ ଦକ୍ଷତାର ଅଭାବ ନୁହେଁ କି ?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଳାଫଳ

**News letter**

**Newsletter Signup**

Name*

Email*

Subscribe

Unsubscribe

ରିସର୍ଚ୍ଚ ପ୍ରତିଷ୍ଠା ବିଷୟ ଘୋଷଣା କରି ସାରିଛନ୍ତି । ଫଳରେ ଭୁବନେଶ୍ୱର ଠାରେ ଖଡ଼ଗପୁର ଆଇଆଇଟିର ସାଟେଲାଇଟ୍ କ୍ୟାସ୍ ଦରକାର ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି ।

## ମୁଖ୍ୟଖବର

- ଗୁଳିବିଦ୍ଧ ଅବସ୍ଥାରେ ଚଂପୁଆ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ମଂଗଳବାର ଦିନ ହେଲିକପ୍ଟର ଯୋଗେ କଟକ ଅଣାଯାଇଛି । ବିଧାୟକ ସିଦ୍ଧୁ (ଇନ୍‌ସେଟ୍) ଏବେ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି; ହାଇକୋର୍ଟର ଦ୍ୱିତୀୟ ମହିଳା ବିଚାରପତି ସଂଜୁ ପଣ୍ଡା
- କଂଗ୍ରେସ ହାତରୁ ୨ଟି ରାଜ୍ୟ ଗଲା, ପଂଜାବରେ ଅକାଳୀ, ଉତ୍ତରାଖଣ୍ଡରେ ବିଜେପି, ମଣିପୁରରେ କଂଗ୍ରେସ ସରକାର
- ମୁଦ୍ରାସ୍ଫୀତି, କୃଷି ଚିନ୍ତାର ବିଷୟ
- କ୍ୟାବିନେଟ ବୈଠକ: ନୂଆ ପରିବହନ, ଶିଳ୍ପ ନୀତି ଅନୁମୋଦିତ
- ତେଲାଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା: ବିଚ୍ ରାସ୍ତାରେ ଯୁବକକୁ ଗୁଳି କରି ହତ୍ୟା
- ସଂଜୁ ପଣ୍ଡା ହାଇକୋର୍ଟର ନୂଆ ବିଚାରପତି
- କଟକ ମେଡିକାଲରେ ସିଦ୍ଧୁ: ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି
- କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ
- ଜଷ୍ଟିସ୍ ଗାଂଗୁଲି ହେବେ ହାଇକୋର୍ଟର ମୁଖ୍ୟ ବିଚାରପତି
- ‘ସମାଜ’ ବିରୋଧରେ ମାନହାନି ମାମଲା, ଡିଆଇଜି ଉପାଧ୍ୟାୟ ସାକ୍ଷ୍ୟ ଦେଲେ
- ଅଭିବୃଦ୍ଧି ଲକ୍ଷ୍ୟ : ଶିଳ୍ପ-୧୦ ପ୍ରତିଶତ, ସେବା କ୍ଷେତ୍ର- ୧୧.୨ ପ୍ରତିଶତ, ମୁଦ୍ରାସ୍ଫୀତି ସମସ୍ୟା ହୋଇ ରହିବ, ଅଭିବୃଦ୍ଧି ଉପରେ ପ୍ରାଥମିକତା
- ସାଂସଦ ହରି ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ
- ଆଇଆଇଟି ନେଇ ଓଡ଼ିଶାକୁ ପୁଣି ଧକ୍କା: ଖଡ଼ଗପୁର ଆଇଆଇଟିର ସାଟେଲାଇଟ୍ କ୍ୟାସ୍ ପ୍ରସ୍ତାବ ନାମଞ୍ଜୁର
- ବ୍ରଜଭାଇଙ୍କ ଆବେଦନର ଶୁଣାଣି ଶେଷ
- ସହକାରୀ ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍‌ସ ଚଢ଼ାଉ







**କଟାକ୍ଷ**



‘ଗରିବ ବଜେଟ’ କରିଅଛି ବୋଲି ଗରବ କରଇ ଲାଲୁ ରେଳ ବଜେଟରେ ଓଡ଼ିଶା ରାଜ୍ୟକୁ ଧରେଇ ଦେଇଚି ଭାଲୁ..... ‘ଗରିବ ରାଜ୍ୟ’କୁ ଗାଲୁ..... ଦିନରେ ଲଣ୍ଠନ ନଗେଇ ନିଜକୁ ଭାବୁଚି ଭାଆରି ଚାଲୁ.....

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768